August 26, 2026

National Stock Exchange of India Limited
Exchange Plaza, C-1, Block G,
Bandra Kurla Complex,
Bandra (E)
MUMBAI - 400 051

BSE Limited,
Floor 25, Phiroze Jeejeebhoy Towers,
Dalal Street
MUMBAI - 400 001

Dear Sir/Madam,

Company's Scrip Code in BSE	: 543530
Company's Symbol in NSE	: PARADEEP
ISIN	: INE088F01024

Sub: Publication of Notice of 44th Annual General Meeting & E-Voting information

Please find enclosed copies of newspaper publications published in Business Line (All Editions) and Sambad on August 26, 2026 regarding Notice of the 44th Annual General Meeting and E-Voting information.

Thanking You,

Yours faithfully,
For Paradeep Phosphates Limited
Sachin Shankar Patil
Digitally signed by Sachin Shankar Patil
Date: 2026.08.26 14:06:55 +05'30'
Sachin Patil
Company Secretary

Encl: As above

Economy continues to display strength despite global headwinds: RBI bulletin

SHOW OF RESILIENCE. Manufacturing and services activity remains robust in July; imports-exports see double-digit expansion

Our Bureau
Mumbai

The Indian economy continues to display strength, characterised by buoyant domestic demand, and rising manufacturing and services activity, notwithstanding headwinds arising from fragile geopolitical environment and continuing trade-related uncertainties, according to the RBI's latest monthly bulletin.

"The global economic outlook continues to be shaped by geopolitical frictions in West Asia and fresh tariffs by the US. Despite these risks to global trade and the growth-inflation matrix, India's robust macroeconomic fundamentals continue to provide cushion to the domestic economy," said RBI officials in the "State of the Economy" report published in the central bank's latest monthly bulletin.

They said the momentum of Q1 (April-June): 2026-27 continued in July with most of the high-frequency indicators reflecting sustained manufacturing and services activity, and double-digit expansion in merchandise exports and imports.

"Domestic demand remained buoyant, as reflected by several indicators, including vehicle and tractor sales. Petroleum product consumption growth returned to positive territory, after three straight months of contraction. Industrial production strengthened sharply in June, recording its strongest growth in nearly two years, supported by a broad-based acceleration in manufacturing. The services sector also exhibited resilience," the officials said.

EXPORT GROWTH

Further, both merchandise exports and imports grew strongly (at 19.6 per cent to $44.2 billion and 17.5 per cent to 76.2 billion, year-on-year or y-o-y respectively) in July 2026 with exports growing at a four month high (in 2026-27 so far).

Export growth was led by petroleum products, electronic goods and engineering products. Merchandise trade deficit widened in July to $32 billion, both sequentially and on a y-o-y basis, reflecting a widening of deficit in electronic goods.

The officials said the recovery in South-West Monsoon in July helped in kharif sowing reaching closer to normal acreage, partly mitigating some of the risks to the agriculture sector.

INFLATION EDGES UP

While headline CPI inflation edged up above the target (to 4.45 per cent in July 2026 from 4.38 per cent in June, driven primarily by food prices), the officials observed that it was primarily on account of supply side pressures.

Stable core inflation reaffirmed the lower pass-through of cost pressures. The price of the Indian basket crude oil increased to $89.7 per barrel in August (till 20th), higher than the average price recorded in both June and July.

Marginal uptick in food inflation in July



Notes: 1. Figures in parentheses indicate weights in Consumer Price Index-Combined (CPI-C) (2024=100).
2. Precious jewellery includes the items 'gold/diamond/platinum jewellery' and 'silver jewellery'.
Source: National Statistics Office (NSO)

*Data up to August 20, 2026
Note: Data indicates monthly average
Source: PPAC

NRI deposit inflows dip 22% to $2.8 billion in April-June of FY27

Sindhu Hariharan
Chennai

The RBI's special foreign currency deposit mobilisation measures and a stronger dollar made NRIs increasingly opt for foreign currency non-resident bank deposits or FCNR(B) in Q1FY27 (April-June 2026). But a decline in rupee denominated NRE (non-resident external) balances pulled down overall NRI deposits inflow in the period.

RBI data released on Tuesday showed that at $2.8 billion, the total NRI deposit inflow in Q1 FY27 was 22 per cent lower y-o-y but FCNR (B) deposit inflows surged 123 per cent y-o-y to $1.7 billion. NRI deposit flows were down because of rupee-denominated NRE account balances that plunged 93 per cent to just $0.14 billion. The inflows into NRO account were at $0.9 billion.

Similarly, the stock of overall outstanding NRI deposits remained flat.

Outstanding total NRI deposits stood at $169 billion in June 2026, almost unchanged from $168 billion a year ago, but up from $166 billion in May 2026. Outstanding FCNR(B) deposits rose 5.7 per cent y-o-y to $35.5 billion. Outstanding stock of NRE deposits fell 3.8 per cent to $98.8 billion.

SPECIAL MEASURES

The RBI introduced special measures in June 2026 for FCNR(B) deposits to encourage foreign currency inflows into India.

Under the framework, RBI provided banks with a special forex swap facility for eligible fresh FCNR(B) deposits its helping banks to offer more competitive deposit rates. $72.85 billion of foreign exchange has been generated *via* FCNR(B) deposits, external commercial borrowings (ECBs) and overseas foreign currency borrowings (OFCBs) under this facility as on August 21.

SPECIAL FOREX SWAP

Experts told *businessline* that the RBI's special forex swap window also allows NRIs to move funds from NRE accounts to FCNR(B) and it is likely that it could have also been the case in the month of June 2026.

NRE deposits are bank accounts held in India by NRIs to deposit and manage money earned in foreign countries.

Non-resident deposits - inflows

(in $ billion)

	April - June 2025	April - June 2026	y-o-y %
FCNR(B)	0.8	1.7	123
NR(E)	2	0.14	-93
NRO	0.8	0.9	12.5
Total NRI deposits	**3.6**	**2.8**	**-22.2**

FCNR(B) - Foreign Currency Non-Resident (Bank); NR(E) - Non-Resident (External); NRO - Non-Resident Ordinary

'Fresh deposit and lending rates have hardened in recent months'

Our Bureau
Mumbai

Fresh deposit and lending rates have hardened in recent months with the rising credit demand, according to the Reserve Bank of India's (RBI's) latest monthly bulletin.

The weighted average domestic term deposit rate (WADTDR) on fresh deposits its rose by 16 basis points (bps) in June 2026 against a 4 bps increase in May 2026. One basis point is equal to 0.01 per cent.

LOANS INCREASED

The weighted average lending rate (WALR) on fresh rupee loans increased by 2 bps in June 2026 against a 1 bp increase in May 2026, according to the data in the bulletin.

However, the one-year marginal cost of funds-based lending rate (MCLR) declined by 15 bps in June 2026 against an increase of 10 bps in May 2026.

In his last monetary policy statement, RBI Governor Sanjay Malhotra observed that the transmission (of the cumulative 125 basis points repo rate cuts during the current easing cycle: February 2026 to June 2026 period) in the credit market moderated during May-June with hardening of deposit and lending rates. Nevertheless, credit growth continues to remain robust and broad-based across sectors.

DEPOSIT GROWTH

Scheduled commercial banks' credit and deposit growth stood at 19.3 per cent year-on-year (y-o-y) and 15.4 per cent y-o-y respectively, as on July 31, 2026, compared to 18.6 per cent y-o-y and 13.3 per cent y-o-y respectively, as on June 30, 2026. Sector-wise data indicates buoyant credit flows to retail and services sector.

Industrial credit strengthened further, aided by sustained credit growth in MSMEs and pickup in credit to large industries.

Agricultural credit grew at a steady pace.

BANK PERFORMANCE

Across bank groups, private sector banks recorded stronger pass-through to lending rates than public sector banks, while later exhibited relatively higher transmission to deposit rates during the current easing cycle, RBI officials said in the "State of the Economy" report in the bulletin.

Flow of financial resources to commercial sector increases to ₹10.65 lakh cr in April-July

Our Bureau
Mumbai

The total flow of financial resources to the commercial sector in the first four months of the current financial year at ₹10.65 lakh crore soared 2.38 times against ₹4.48 lakh crore in the year ago period, according to RBI data. Within this, the flow of non-food credit shot up about 9.16 times to ₹6.69 lakh crore against ₹73,000 crore in the year-ago period.

Further, the flow of financial resources from non-bank sources, comprising domestic and foreign sources, was up 5.31 per cent y-o-y at ₹3.96 lakh crore (₹3.76 lakh crore in the year-ago period).

RBI officials noted that bank credit continued to record robust growth across major sectors in June 2026

CREDIT GROWTH

The total flow of financial resources to the commercial sector increased in 2026-27 so far (up to July 31), driven by a pickup in non-food bank credit and rise in foreign direct investment (FDI to India is on a net basis — gross inflows adjusted for repatriation/disinvestment) to India, the RBI said in its latest monthly bulletin.

In the "State of the Economy" report, RBI officials noted that credit growth continued to remain healthy in July. The recent deposit mobilisation by scheduled commercial banks' (SCBs) helped the incremental credit-deposit ratio to moderate.

SCBs' credit and deposit growth stood at 19.3 per cent y-o-y and 15.4 per cent y-o-y respectively, as on July 31, 2026, compared to 18.6 per cent y-o-y and 13.3 per cent y-o-y respectively, as on June 30, 2026.

RBI officials noted that bank credit continued to record robust growth across major sectors in June 2026. Credit to the agriculture sector accelerated, and industrial credit growth sustained its momentum aided by an expansion in credit to the large industries.

Credit flow to the services sector also strengthened, driven by non-banking financial companies, trade and commercial real estate. Personal loans picked up in June, supported by housing loans and loans against gold jewellery.

Three major Indian banks generate over $1.85 billion in offshore bonds

Our Bureau
Mumbai

Three major Indian banks — Axis Bank, Kotak Mahindra Bank and Union Bank of India — made significant moves in the international debt markets on Monday and Tuesday, collectively involving $1.85 billion in offshore bond activity, even as their shares traded mixed on the NSE on Tuesday.

BANK PERFORMANCE

Axis Bank said it will redeem its $600 million 4.1 per cent Additional Tier 1 (AT1) notes in full on September 8, 2026, the First Call Date, at par or 100 per cent of the principal, plus accrued and unpaid interest.

The bank's shares closed at ₹1,235 on Tuesday, down 0.08 per cent, with a market capitalisation of approximately ₹3.84 lakh crore.

Kotak Mahindra Bank allotted $650 million 5.478 per cent senior unsecured notes due August 24, 2031, under its $1 billion Euro Medium Term Note programme, on August 24.

The five-year notes, rated BBB by S&P Global Ratings and issued under Regulation S of the US Securities Act of 1933, will be listed on India International Exchange (IFSC) Limited and NSE IFSC Limited.

Coupon payments are scheduled semi-annually on February 24 and August 24 each year, with principal repayable at par on maturity.

The bank's stock closed largely flat at ₹401.60, up 0.04 per cent, valuing the bank at around ₹3.99 lakh crore on NSE.

Union Bank of India disclosed the issuance of a dual-tranche $600 million offering of USD-denominated senior unsecured notes through its DIFC Branch in Dubai, filed with exchanges on August 24 and 25.

The offering comprises two tranches of $300 million each, a three-year note maturing August 28, 2029, carrying a coupon of 5.230 per cent, and a five-year note maturing August 28, 2031, at 5.417 per cent, both paying semi-annually from February 28, 2027.

Union Bank shares surged 1.84 per cent to close at ₹186.98, making it the day's standout performer among the three, with a market cap of approximately ₹1.43 lakh crore.

The flurry of offshore activity reflects continued appetite among Indian banks for international markets to diversify funding, manage liability profiles, and support growth, even as domestic equity markets remain range-bound.

ଓଡ଼ିଶା ସେକେଣ୍ଡାରି ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷାର ଆବେଦନ ଅବଧି ବୃଦ୍ଧି

କଟକ,୨୫/୮(ଇମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପରିଚାଳିତ ଓଡ଼ିଶା ସେକେଣ୍ଡାରି ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍ଏସ୍‌ଟିଇଟି-୨୦୨୬) ପାଇଁ ଆବେଦନର ସମୟ ସୀମା ଆସନ୍ତା ୩୦ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ପରୀକ୍ଷା ପାଇଁ ଆବେଦନର ସମୟ ସୀମା ଅଗଷ୍ଟ ୨୫ ତାରିଖ ପର୍ଯ୍ୟନ୍ତ ରହିଥିଲା ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ଓଏସ୍ଏସ୍‌ଟିଇଟି-୨୦୨୬ ପାଇଁ ଯୋଗ୍ୟ କୌଣସି ପ୍ରାର୍ଥୀ ଯେଭଳି ନାମ ପଞ୍ଜୀକରଣରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ବୋର୍ଡ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।

ଡିପ୍ଲୋମା ଇନ୍ ଏଲିମେଣ୍ଟାରି ଏଜୁକେସନ୍ ଫର୍ମପୂରଣ ୨୮ରୁ

କଟକ,୨୫/୮(ଇମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଡିପ୍ଲୋମା ଇନ୍ ଏଲିମେଣ୍ଟାରି ଏଜୁକେସନ୍(ଡିଏଲ୍ଇଡି-୨୦୨୬) ପରୀକ୍ଷା ପାଇଁ ଅନ୍‌ଲାଇନ୍‌ରେ ଫର୍ମପୂରଣ ଅଗଷ୍ଟ ୨୮ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୬ତାରିଖ ପର୍ଯ୍ୟନ୍ତ ଚାଲିବ। ସଂପୂର୍ଣ୍ଣ ଫର୍ମ ଦାଖଲ ସେପ୍ଟେମ୍ବର ୮ତାରିଖ ଅପରାହ୍ଣ ୫ଟା ସୁଦ୍ଧା କରାଯିବ। ଡିପ୍ଲୋମା ଇନ୍ ଏଜୁକେସନ୍ ପରୀକ୍ଷା-୨୦୨୬ର ପ୍ରଥମ ବର୍ଷ, ଦ୍ୱିତୀୟ ବର୍ଷ, ପ୍ରଥମ ବର୍ଷ ବ୍ୟାକ୍, ଦ୍ୱିତୀୟ ବର୍ଷ ବ୍ୟାକ୍ ପରୀକ୍ଷାର୍ଥୀମାନେ ଫର୍ମପୂରଣ ଓ ଫି' ଦାଖଲ ସେମାନେ ପଢ଼ୁଥିବା ଅନୁଷ୍ଠାନର ମୁଖ୍ୟଙ୍କ ଜରିଆରେ ଅନ୍‌ଲାଇନ୍‌ରେ କରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍‌ଲାଇନ୍ ଫର୍ମ ପୂରଣର ସମସ୍ତ ନିର୍ଦ୍ଦେଶାବଳୀ ବୋର୍ଡ ୱେବ୍‌ସାଇଟ୍ www.bseodisha.nic.in ରେ ଚଳିତ ମାସ ୨୮ତାରିଖଠାରୁ ଉପଲବ୍ଧ ହେବ।

ଉଚ୍ଚ ଶିକ୍ଷାନୁଷ୍ଠାନରେ ଲାଗୁ ହେବ ବାୟୋମେଟ୍ରିକ୍ ଉପସ୍ଥାନ

ଭୁବନେଶ୍ୱର, ୨୫/୮(ଇମିସ): ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବାକୁ ବାୟୋମେଟ୍ରିକ୍ ତଥା ଡିଜିଟାଲ୍ ଉପସ୍ଥାନ ବ୍ୟବସ୍ଥା ଲାଗୁ କରାଯିବ। ପ୍ରଥମ ପର୍ଯ୍ୟାୟରେ ଆଜିଠାରୁ ରାଜ୍ୟର ୧୦ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ଏହା ପାଇଲଟ୍ ପ୍ରକଳ୍ପ ଭାବେ ଆରମ୍ଭ ହୋଇଛି। ସେହି ଶିକ୍ଷାନୁଷ୍ଠାନଗୁଡ଼ିକ ହେଲା ବାରିପଦାସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ବୌଦ୍ଧସ୍ଥିତ ମଡେଲ୍ ଡିଗ୍ରି କଲେଜ, ତେନ୍ତୁଳିଖୁଣ୍ଟି ସରକାରୀ ଡିଗ୍ରି କଲେଜ, ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, କଣ୍ଟାବାଞ୍ଜି ଧନ୍ଦାମୂଳକ ଡିଗ୍ରି କଲେଜ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ। 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନାର ହିତାଧିକାରୀ ଛାତ୍ରଛାତ୍ରୀଙ୍କ ପାଇଁ ସର୍ବନିମ୍ନ ୭୫ ପ୍ରତିଶତ ଉପସ୍ଥାନ ଆବଶ୍ୟକ ଥିବାରୁ ଏହି ପଦକ୍ଷେପ ନିଆଯାଇଛି। ଏଥିରେ ଛାତ୍ରଙ୍କ ନାମ ପଞ୍ଜୀକରଣ, ବାୟୋମେଟ୍ରିକ୍ ତଥ୍ୟ ସଂଗ୍ରହ, ଉପସ୍ଥାନ ରେକର୍ଡ ଓ ଏଚ୍ଆଇଏମ୍ଏସ୍ ସହ ତଥ୍ୟ ସମନ୍ୱୟ କରାଯିବ। ଏଚ୍ଆଇଏମ୍ଏସ୍ ମୋବାଇଲ୍ ଆପ୍‌ରେ ଉପସ୍ଥାନ ପାଇଁ କଲେଜର ଜିଓ-ଟ୍ୟାଗିଂ ଆବଶ୍ୟକ ହେବ। ଅଧ୍ୟାପକଙ୍କ ଜିପିଏସ୍ ଲୋକେସନ୍ ନିର୍ଦ୍ଧାରିତ କ୍ୟାମ୍ପସ୍ ସୀମା ଭିତରେ ଥିଲେ ହିଁ ଉପସ୍ଥାନ ରେକର୍ଡ ହେବ। ଏଥିସହ କ୍ଲାସ୍‌ର ଲାଇଭ୍ ଫଟୋ ନେବା ବାଧ୍ୟତାମୂଳକ ରହିବ। ପାଇଲଟ୍ ପ୍ରକଳ୍ପର ଅନୁଭୂତି ଆଧାରରେ ସାରା ରାଜ୍ୟରେ ଏହି ବ୍ୟବସ୍ଥା ଲାଗୁ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ବୃଦ୍ଧଙ୍କୁ ଝାମ୍ପି ନେଲା କୁମ୍ଭୀର

ଡଙ୍ଗାରେ ଚଢ଼ିବାକୁ ପାଣିରେ ପଶିଥିଲେ

ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବାହିନୀର ତଲାସୀ ଜାରି

ଜୀବନକୁ ବାଜି ଲଗାଇ କୁମ୍ଭୀର ଭର୍ତ୍ତି ନଈ ପାର ହୁଅନ୍ତି ଗ୍ରାମବାସୀ

ରାଜକନିକା, ୨୫/୮ (ଇମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ ତ୍ରୈଲୋକ୍ୟପୁର ପଞ୍ଚାୟତର ଦ୍ୱୀପାଞ୍ଚଳ ଗାଁ ଗଙ୍ଗାଧରପ୍ରସାଦଡିଆର ଜଣେ ବୃଦ୍ଧଙ୍କୁ ଆଜି କୁମ୍ଭୀର ନଦୀ ଭିତରକୁ ଝାମ୍ପି ନେଇଛି। ସକାଳ ପ୍ରାୟ ୮ଟାରେ ଗ୍ରାମର ପାରେଶ୍ୱର ବେହେରା(୬୦) ଗାଁମୁଣ୍ଡରେ ଥିବା ଖରସ୍ରୋତା ନଦୀଘାଟ ପାର ହେବା ପାଇଁ ପାଣିରେ ପଶି ଡଙ୍ଗା ନିକଟକୁ ଯାଉଥିଲା ବେଳେ ଲୋକଙ୍କ ଆଖି ଆଗରେ ଏହି ଘଟଣା ଘଟିଛି। ଖବର ପାଇ ଏନ୍‌ଡିଆର୍‌ଏଫ୍‌ର ଦୁଇଟି ଦଳ, ଅଗ୍ନିଶମ ବାହିନୀ, ବନ ବିଭାଗ ଓ ସ୍ଥାନୀୟ ଲୋକ ନଦୀରେ ଖୋଜାଖୋଜି ଚଳାଇଥିଲେ ମଧ୍ୟ ପାରେଶ୍ୱରଙ୍କ ପତ୍ତା ମିଳିପାରି ନାହିଁ।

ଗଙ୍ଗାଧରପ୍ରସାଦଡିଆ ଗାଁର ଦୁଇଟି ୱାର୍ଡରେ ୧୨୦୦ଲୋକ ବସବାସ କରନ୍ତି। ଏହି ଗାଁକୁ ଚାରିପଟୁ ଘେରି ରହିଛି ଖରସ୍ରୋତା ନଦୀ। ଆଜି ସକାଳ ୮ଟାରେ ବୃଦ୍ଧ ପାରେଶ୍ୱର କୁମ୍ଭୀର ଭର୍ତ୍ତି ଏହି ନଦୀ ପାର ହୋଇ ଆୟତନ ବଜାରକୁ ଯିବା ପାଇଁ ଘରୁ ଆସିଥିଲେ। ଘାଟରୁ ଅଳ୍ପ ଦୂରରେ ଡଙ୍ଗା ରହିଥିଲା। ଡଙ୍ଗାରେ ଗାଁର ପାଞ୍ଚରୁ ଛଅଜଣ ଲୋକ ବସି ସାରିଥିଲେ। ଏହାପରେ ପାରେଶ୍ୱର ପାଣିରେ ପଶି ଡଙ୍ଗାରେ ଚଢ଼ିବାକୁ ଯାଉଥିଲେ। ଏତିକି ବେଳେ ଲୋକମାନଙ୍କ ଆଖି ଆଗରେ ଏକ କୁମ୍ଭୀର ହଠାତ୍ ଆସି ତାଙ୍କୁ ଝାମ୍ପି ନଈ ଭିତରକୁ ଚାଲିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ବିଜୟ ବେହେରା, ରଞ୍ଜିତ୍ ସ୍ୱାଇଁ, ମହେନ୍ଦ୍ର ବେହେରା, ଘାଟିଆ ରତିକାନ୍ତ ବେହେରା ଓ ଦୀନେଶ ବେହେରା କହିଛନ୍ତି। ଏହି ଘଟଣା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ବେଳେ ପରିବାରରେ କାନ୍ଦବୋବାଳି ପଡ଼ି ଯାଇଛି। ବିଡିଓ କୈଳାସଚନ୍ଦ୍ର ମହାଲିକ ଓ କନିକା ତହସିଲଦାର ଭାନୁମତି ମାଝୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରତିଦିନ ଜୀବନକୁ ବାଜି ଲଗାଇ ଗାଁର ୧୨୦୦ ଲୋକ ନଦୀ ପାର ହୋଇଥା'ନ୍ତି। ବାତ୍ୟା, ପବନ, ବର୍ଷା ଓ ବନ୍ୟା ସମୟରେ ବି' ବିଦ୍ୟାର୍ଥୀମାନେ ସ୍କୁଲ, କଲେଜ ଏବଂ ଗ୍ରାମବାସୀ ବ୍ଲକ, ତହସିଲ, ଥାନା, ଡାକ୍ତରଖାନା ଓ ବଜାର ଯିବା ପାଇଁ ଏହି ନଦୀ ପାର ହୁଅନ୍ତି। ୧୪ବର୍ଷ ତଳେ ଗ୍ରାମର ଉମାକାନ୍ତ ବେହେରା ନାମକ ବ୍ୟକ୍ତିଙ୍କୁ ନଦୀକୂଳରୁ କୁମ୍ଭୀର ଟାଣି ନେଇଥିଲା। ସେହିପରି ଗାଁର ଅବଳା ବେହେରା ନଦୀରେ ଗାଧୋଉଥିଲା ବେଳେ କୁମ୍ଭୀର ଆକ୍ରମଣ କରିଥିଲା। କୁମ୍ଭୀର ସହ ଲଢ଼େଇ କରି ଜୀବନ ବଞ୍ଚାଇଥିଲେ ଅବଳା। ଗ୍ରାମବାସୀ ବହୁଦିନ ହେବ ସ୍ଥାୟୀ ପୋଲ ନିର୍ମାଣ ପାଇଁ ପ୍ରଶାସନ ଓ ରାଜନେତାମାନଙ୍କୁ ଗୁହାରି କରିଆସୁଛନ୍ତି। ମାତ୍ର ସୁଫଳ ମିଳୁ ନ ଥିବାରୁ କୁମ୍ଭୀର ମୁହଁରେ ଗୋଟିଏ ପରେ ଗୋଟିଏ ଜୀବନ ଚାଲିଯାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଅଙ୍ଗନବାଡ଼ି ଶିଶୁଙ୍କ ୪୦୦ କ୍ୱିଣ୍ଟାଲ୍ ଚାଉଳ ଗାଏବ!

ଶୁକ୍ରବାର ଠାରୁ ଚାଉଳ ଉଠିସାରିଛି: ଜିଲ୍ଲା ସମାଜମଙ୍ଗଳ ଅଧିକାରୀ

ରାଜନଗରରେ ଚାଉଳ ପହଞ୍ଚିନି: ସିଡିପିଓ

ରାଜନଗର, ୨୫/୮ (ଇମିସ): ରାଜନଗର ବ୍ଲକର ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କୁ ରନ୍ଧାଖାଦ୍ୟ ଯୋଗାଇଦେବା ପାଇଁ ଉଠାଯାଇଥିବା ୪୦୦ କ୍ୱିଣ୍ଟାଲ୍ ଚାଉଳ ଗାଏବ ହୋଇଯାଇଛି। ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀଙ୍କ ମନ୍ତବ୍ୟ ଏବଂ ରାଜନଗରରେ ଚାଉଳ ପହଞ୍ଚି ନ ଥିବାରୁ ସନ୍ଦେହ ବଢ଼ିବାରେ ଲାଗିଛି। ପାଞ୍ଚଦିନ ହେଲା ଲକ୍ଷ୍ମୀନାରାୟଣପୁର ଗୋଦାମରୁ ଉଠିଥିବା ଏହି ଚାଉଳ କୁଆଡ଼େ ଗଲା ତାହା ସନ୍ଦେହ ଘେରରେ ରହିଛି।

ଅଙ୍ଗନବାଡ଼ି କେନ୍ଦ୍ରକୁ ପଢ଼ିବା ପାଇଁ ଆସୁଥିବା ୩ରୁ ୬ବର୍ଷର ଶିଶୁମାନଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇଥାଏ। ଠିକାଦାରଙ୍କ ମାଧ୍ୟମରେ ସରକାର ଅଙ୍ଗନବାଡ଼ି କେନ୍ଦ୍ରରେ ଚାଉଳ ପହଞ୍ଚାଇ ଥା'ନ୍ତି। ଅନ୍ୟ ସାମଗ୍ରୀ ସ୍ଥାନୀୟ ବଜାରରୁ ଅଙ୍ଗନବାଡ଼ି କର୍ମୀ କିଣି ରୋଷେଇ କରି ପିଲାଙ୍କୁ ଖାଇବାକୁ ଦେଇଥା'ନ୍ତି। ପ୍ରତି ୩ ମାସରେ ଥରେ ପରିବହନ ଠିକାଦାର ଚାଉଳ ଉଠାଇ ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚାନ୍ତି। ରାଜନଗର ବ୍ଲକରେ ଥିବା ୨୭୪ଅଙ୍ଗନବାଡ଼ି କେନ୍ଦ୍ରରେ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର; ତିନିମାସ ପାଇଁ ୪୦୦ କ୍ୱିଣ୍ଟାଲ୍ ଚାଉଳର ଆବଶ୍ୟକତା ନେଇ ଗତ ୧୩ ତାରିଖ ରାଜନଗର ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଇଣ୍ଡେଣ୍ଟ ଦିଆଯାଇଥିଲା। ଚଳିତମାସ ୨୧ ତାରିଖ ସୁଦ୍ଧା ଜିଲ୍ଲାର ସବୁ ବ୍ଲକ ପାଇଁ ଚାଉଳ ଉଠିସାରିଛି ବୋଲି ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ସୁଷମା ମହାନ୍ତି 'ସମ୍ବାଦ'କୁ କହିଛନ୍ତି। ମାତ୍ର ଚାଉଳ ରାଜନଗରରେ ପହଞ୍ଚି ନାହିଁ ବୋଲି ଆଜି ସିଡିପିଓ ଦୀପାଳି ମିଶ୍ର କହିଛନ୍ତି। ଚାଉଳ ଯଦି ରାଜନଗରରେ ପହଞ୍ଚିନି ତା'ହେଲେ କୁଆଡ଼େ ଗଲା? ରାଜନଗର ପାଇଁ ଉଠିଥିବା ୪୦୦ କ୍ୱିଣ୍ଟାଲ୍ ଚାଉଳ କେଉଁଠାରେ ଠିକାଦାର ବିକ୍ରି କରିଛନ୍ତି କି? ତାହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଜିଲ୍ଲାର ୯ବ୍ଲକ ଓ ୨ପୌରପାଳିକା ପାଇଁ ଜଣେ ପରିବହନ ଠିକାଦାର ନିଯୁକ୍ତି ପାଇଛନ୍ତି। ତେବେ କେଉଁ ବ୍ଲକ ପାଇଁ କେତେ ଚାଉଳ ଉଠିଲା, କେଉଁଦିନ ଉଠିଲା, ତାହା ଅଙ୍ଗନବାଡ଼ି କେନ୍ଦ୍ର ବା ସମ୍ପୃକ୍ତ ବ୍ଲକରେ ପହଞ୍ଚିଲା କି ନାହିଁ ତଦାରଖ କରିବା ଦାୟିତ୍ୱ କାହାର? ଜିଲ୍ଲା ପାଇଁ ଦାୟିତ୍ୱ ଦିଆଯାଇଥିବା ନୋଡାଲ୍ ଅଫିସର କାହିଁକି ଆଜି ଯାଏଁ ତଦାରଖ କରିନାହାନ୍ତି ବୋଲି ପ୍ରଶ୍ନ ଉଠିଛି।

ଓଡ଼ିଶା ପୁଲିସକୁ ସଡ଼କ ସୁରକ୍ଷା ଚିନ୍ତା

ଏଣିକି ବୈଜ୍ଞାନିକ ପଦ୍ଧତିରେ ସଡ଼କ ସୁରକ୍ଷା

କେନ୍ଦ୍ରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ତାଲିମ

କଟକ, ୨୫/୮(ଇମିସ): ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶା ପୁଲିସ ପକ୍ଷରୁ କଟକସ୍ଥିତ କେନ୍ଦ୍ରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ଦିନିକିଆ 'ସଡ଼କ ସୁରକ୍ଷା ଓ ଦୁର୍ଘଟଣା ତଦନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀଙ୍କ ସମେତ ସଡ଼କ ସୁରକ୍ଷା ସହ ସମ୍ପୃକ୍ତ ବିଭିନ୍ନ ଅଂଶୀଦାର ଯୋଗଦେଇଥିଲେ। ଏସ୍‌ଟିଏର ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଆଇଆଇଟି ମାଡ୍ରାସର ବୈଷୟିକ ବିଶେଷଜ୍ଞମାନେ ଏଥିରେ ଯୋଗଦେଇ ବୈଜ୍ଞାନିକ ପଦ୍ଧତିରେ ସଡ଼କ ଦୁର୍ଘଟଣାର ତଦନ୍ତ ଓ ସଡ଼କ ସୁରକ୍ଷା ପରିଚାଳନା ସମ୍ପର୍କରେ ବୈଷୟିକ ଜ୍ଞାନ ଏବଂ ବ୍ୟବହାରିକ ପରାମର୍ଶ ପ୍ରଦାନ କରିଥିଲେ। କେନ୍ଦ୍ରାଞ୍ଚଳ ଆଇଜି ଡକ୍ଟର ସତ୍ୟଜିତ ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ସହ ସମନ୍ୱୟରେ ମଙ୍ଗଳବାର

ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଶିକ୍ଷଣରେ ଦୁର୍ଘଟଣାର ତଦନ୍ତ ପାଇଁ ଏକ ବ୍ୟବସ୍ଥିତ ଓ ବୈଜ୍ଞାନିକ ପଦ୍ଧତି ବିକଶିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଦୁର୍ଘଟଣାସ୍ଥଳ ପରୀକ୍ଷା, ଦୁର୍ଘଟଣାରେ ସହାୟକ କାରକ ଚିହ୍ନଟ, ପ୍ରମାଣର ବୈଜ୍ଞାନିକ ସଂଗ୍ରହ ଓ ସୁରକ୍ଷିତ ସଂରକ୍ଷଣ, ଦୁର୍ଘଟଣା ପୁନର୍ନିର୍ମାଣ, ଦୁର୍ଘଟଣାର ପରିସ୍ଥିତି ବିଶ୍ଳେଷଣ ଏବଂ ତଦନ୍ତ ରିପୋର୍ଟ ପ୍ରସ୍ତୁତି ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏସ୍‌ଟିଏ ପକ୍ଷରୁ ସଡ଼କ ସୁରକ୍ଷା କ୍ଷେତ୍ରରେ ତଥ୍ୟଭିତ୍ତିକ ଓ ପ୍ରଯୁକ୍ତିଭିତ୍ତିକ ପଦ୍ଧତିକୁ ପ୍ରୋତ୍ସାହନ ଦେବା ପାଇଁ ସଡ଼କ ସୁରକ୍ଷା ତଥ୍ୟ ପରିଚାଳନାକୁ ସୁଦୃଢ଼ କରିବା, ରୋଡ୍ ସେଫ୍ଟି ଡ୍ୟାସବୋର୍ଡ ବିକଶିତ କରିବା, ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ଦୁର୍ଘଟଣା ପ୍ରତିରୋଧ ପାଇଁ ପ୍ରମାଣଭିତ୍ତିକ ପଦକ୍ଷେପ ଗ୍ରହଣ ଭଳି ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ବୈଜ୍ଞାନିକ ଦୁର୍ଘଟଣା ତଦନ୍ତ ପାଇଁ ଆଇଆଇଟି ମାଡ୍ରାସର ବୈଷୟିକ ଦକ୍ଷତା ପ୍ରଶିକ୍ଷଣର ବୈଷୟିକ ଅଧିବେଶନଗୁଡ଼ିକ ଏସ୍‌ଟିଏର ବୈଷୟିକ ପରାମର୍ଶଦାତା ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ବିଶେଷଜ୍ଞମାନେ ଦୁର୍ଘଟଣାର ତଦନ୍ତ ସମ୍ପର୍କରେ ନିଜର ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ। ଏସ୍‌ଟିଏ କମିଶନର ଅମିତାଭ ଠାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଦୁର୍ଘଟଣାର ପ୍ରକୃତ କାରଣ ଚିହ୍ନଟ କରିବା ଏବଂ ପ୍ରଭାବଶାଳୀ ପ୍ରତିଷେଧମୂଳକ ପଦକ୍ଷେପ ବିକଶିତ କରିବା ପାଇଁ ବୈଜ୍ଞାନିକ ପଦ୍ଧତିରେ ତଦନ୍ତ, ନିର୍ଭରଯୋଗ୍ୟ ତଥ୍ୟ ଏବଂ ସମସ୍ତ ଅଂଶୀଦାରଙ୍କ ସମନ୍ୱିତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ। କେନ୍ଦ୍ରାଞ୍ଚଳ ଆଇଜି ଡ. ନାୟକ କହିଥିଲେ ଯେ ବୈଜ୍ଞାନିକ ପଦ୍ଧତିରେ ତଦନ୍ତ ଦୁର୍ଘଟଣାରେ ଥିବା ତ୍ରୁଟିଗୁଡ଼ିକୁ ବୁଝିବାରେ ସହାୟତା କରେ। ଭବିଷ୍ୟତରେ ସମାନ ଦୁର୍ଘଟଣାକୁ ରୋକିବା ପାଇଁ ଉପଯୁକ୍ତ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣର ସୁଯୋଗ ଦେଇଥାଏ।

ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫/୮(ଇମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ଆସନ୍ତା ୨୮ ତାରିଖରେ ରାଖୀ ପୂର୍ଣ୍ଣିମା ଅବସରରେ ନୟାଗଡ଼ଠାରେ ପ୍ରଦାନ କରାଯିବାକୁ ଥିବା ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ଅର୍ଥ ପ୍ରଦାନ ପ୍ରକ୍ରିୟା ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ପଞ୍ଚମ କିସ୍ତି ମାଧ୍ୟମରେ ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀଙ୍କ ପ୍ରତ୍ୟେକ ଲାଭ ହସ୍ତାନ୍ତର ଜରିଆରେ ୫୦୦୦ ଟଙ୍କା ଲେଖାଏଁ ପାଇବେ। ସାମ୍ପ୍ରତିକ ପ୍ରସ୍ତୁତି ଅନୁଯାୟୀ ମୋଟ ୧,୦୩,୨୬,୧୨୨ ଜଣ ଯୋଗ୍ୟ ମହିଳା ହିତାଧିକାରୀ ଏହି କିସ୍ତି ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଯାହା ପାଇଁ ମୋଟ ୫,୧୬୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବ। ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୪ ସେପ୍ଟେମ୍ବର ୧୭ ତାରିଖରେ ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କର ଏହି ପ୍ରମୁଖ ମହିଳା କେନ୍ଦ୍ରିକ ଯୋଜନାର ଲକ୍ଷ୍ୟ ହେଉଛି ୫ ବର୍ଷ ମଧ୍ୟରେ ଯୋଗ୍ୟ ମହିଳାମାନଙ୍କୁ ମୋଟ

୫୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା। ଏହି ରାଶି ବାର୍ଷିକ ୧୦,୦୦୦ ଟଙ୍କା ଦୁଇଟି କିସ୍ତିରେ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଛି।

ହୀରାକୁଦର ୧୬ ଗେଟ୍ ଖୋଲା

ସମ୍ବଲପୁର, ୨୫/୮(ଇମିସ): ଉପରମୁଣ୍ଡରେ ଲଗାତାର ବର୍ଷା ପରେ ହୀରାକୁଦ ଜଳଭଣ୍ଡାର ଜଳସ୍ତର ବୃଦ୍ଧି ପାଉଛି। ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦର ଜଳସ୍ତର ୬୨୨.୯୩ ଫୁଟ ଥିଲା। ବର୍ତ୍ତମାନ ୧୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଏହି ସମୟରେ ପ୍ରତି ସେକେଣ୍ଡରେ ଉକ୍ତ ଜଳଭଣ୍ଡାରକୁ ୩ ଲକ୍ଷ ୧୧ ହଜାର ୩୮୦ ଘନଫୁଟ ପାଣି ପ୍ରବେଶ କରୁଥିଲା। ସେହିପରି ବିଭିନ୍ନ ମାର୍ଗଦେଇ ହୀରାକୁଦରୁ ୨ ଲକ୍ଷ ୮୯ ହଜାର ୨୯୯ କ୍ୟୁସେକ୍ ପାଣି ନିଷ୍କାସିତ ହେଉଥିଲା। ସ୍ଲିଲ୍ ଦେଇ ୨ ଲକ୍ଷ ୫୪ ହଜାର ୨୮୮ କ୍ୟୁସେକ୍, ପାୱାର ଚ୍ୟାନେଲ୍ ଦେଇ ୩୨ ହଜାର ୦୬୦ କ୍ୟୁସେକ୍, ଶିଳ୍ପସଂସ୍ଥା ପାଇଁ ୨୨୯ କ୍ୟୁସେକ୍, ବିଭିନ୍ନ କେନାଲ୍‌କୁ ୨୭୧୨ କ୍ୟୁସେକ୍ ପାଣି ଛଡ଼ାଯାଉଥିଲା। ସେହି ସମୟରେ ମହାନଦୀ ତଳମୁଣ୍ଡ ଗେଜ୍ ଷ୍ଟେସନଗୁଡ଼ିକରେ ମଧ୍ୟରୁ ବେଲଗାଁରେ ୧୬ ହଜାର କ୍ୟୁସେକ୍, ପର୍ଶଲାରେ ୧ ଲକ୍ଷ ୯୧ ହଜାର ୯୧୧ କ୍ୟୁସେକ୍, ଖଇରମାଳରେ ୫ ଲକ୍ଷ ୦୭ ହଜାର କ୍ୟୁସେକ୍, ବରମୂଳରେ ୪ ଲକ୍ଷ ୫୮ ହଜାର କ୍ୟୁସେକ୍ ଓ ମୁଣ୍ଡଳିରେ ୨ ଲକ୍ଷ ୪୦ ହଜାର ୩୪୪ କ୍ୟୁସେକ୍ ପାଣି ପ୍ରବାହିତ ହେଉଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ହାରାହାରି ୪୧.୬୬ ମିଲିମିଟର ଓ ତଳମୁଣ୍ଡରେ ୧୯.୬୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ନେଇ ହୀରାକୁଦ ନଦୀବନ୍ଧ ନିୟନ୍ତ୍ରଣ କକ୍ଷରୁ ସୂଚନା ମିଳିଛି।